# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 18 April – 2024
### News Editor : Tapan Kumar Maharana

************************************

## ମୁଖ୍ୟ ସମ୍ବାଦ

- ଦେଶରେ ଚତୁର୍ଥ ପର୍ଯ୍ୟାୟ ଏବଂ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆଜି ପ୍ରକାଶ ପାଇଲା ବିଜ୍ଞପ୍ତି
- ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ନିର୍ବାଚନମଣ୍ଡଳୀରେ ଆସନ୍ତାକାଲି ଅନୁଷ୍ଠିତ ହେବ ପ୍ରଥମ ପର୍ଯ୍ୟାୟ ମତଦାନ
- ରାଜ୍ୟର ୪ଟି ବିଧାନସଭା ଆସନ ପାଇଁ କଂଗ୍ରେସ୍ ପକ୍ଷରୁ ଘୋଷଣା କରାଗଲା ପ୍ରାର୍ଥୀ ତାଲିକା
- 'ବିବିଧତା ଆବିଷ୍କାର ଆଉ ଅନୁଭବ କର' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଐତିହ୍ୟ ଦିବସ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି; ସମସ୍ତ ବିଦ୍ୟାଳୟଗୁଡ଼ିକୁ ଆଜିଠୁ ୩ ଦିନ ପାଇଁ ବନ୍ଦ ରଖିଲେ ରାଜ୍ୟ ସରକାର

# ଓଡ଼ିଶାରେ ନିର୍ବାଚନ ପାଇଁ ବିଜ୍ଞପ୍ତି

ଦେଶରେ ଚତୁର୍ଥ ପର୍ଯ୍ୟାୟ ଏବଂ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ୧୦ଟି ରାଜ୍ୟ, ଆନ୍ଧ୍ରପ୍ରଦେଶ, ବିହାର, ଝାରଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ତେଲେଙ୍ଗାନା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଜାମ୍ମୁ-କଶ୍ମୀରର ୯୬ଟି ଲୋକସଭା ଆସନ ପାଇଁ ମତଦାନ ହେବ। ଚତୁର୍ଥ ପର୍ଯ୍ୟାୟରେ ମେ’ ୧୩ ତାରିଖରେ ମତଦାନ ଅନୁଷ୍ଠିତ ହେବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଆଜିଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନ ଦାଖଲ ଏପ୍ରିଲ ୨୫ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ୨୬ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ନିର୍ବାଚନ କମିସନ ଜାରି କରିଛନ୍ତି। ୪ଟି ଲୋକସଭା ଏବଂ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ଚତୁର୍ଥ ପର୍ଯ୍ୟାୟରେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ୍ ଗ୍ରହଣ ହେବ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ନିର୍ବାଚନ କମିଶନର ନିକୁଞ୍ଜ ବିହାରୀ ଧଳ କହିଛନ୍ତି……

## - V/O –

## ମତଦାନ-ପ୍ରଚାରକାର୍ଯ୍ୟ ଶେଷ

ଦେଶର ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ନିର୍ବାଚନମଣ୍ଡଳୀରେ ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ମତଦାନ ପାଇଁ ପ୍ରଚାରକାର୍ଯ୍ୟ ଗତକାଲି ସଂଧ୍ୟାରେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମତଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଉଥିବାବେଳେ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆଂଶିକଭାବେ ଶେଷ ହେବ।

ଏଥିରେ ପ୍ରାୟ ୧ ହଜାର ୬୨୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମତଦାନ ହେବ। ଦୁଇ ପଡୋଶୀ ରାଜ୍ୟ ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ମତଦାନ ହେବାକୁ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସୀମା ଉପରେ କଡା ନଜର ରଖାଯାଇଛି। ସୀମାନ୍ତ ଅଞ୍ଚଳଗୁଡ଼ିକରେ ଗାଡ଼ି ଯାଞ୍ଚକୁ କଡାକଡି କରାଯିବା ସହ ନକ୍ସଲ ବିରୋଧି ଅପରେସନକୁ ଜୋର୍‌ଦାର କରାଯାଇଛି। ସ୍ଥାନୀୟ ପୁଲିସ୍ ଓ ସି.ଆର.ପି.ଏଫ୍ ଯବାନ୍‌ମାନଙ୍କ ପକ୍ଷରୁ ସୀମାନ୍ତ ଗାଁଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ ମଧ୍ୟ କରାଯାଉଛି।

## କଂଗ୍ରେସ ପ୍ରାର୍ଥୀ ତାଲିକା

ରାଜ୍ୟର ୪ଟି ବିଧାନସଭା ଆସନ ପାଇଁ କଂଗ୍ରେସ୍ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ମାହାଙ୍ଗାରୁ ଦେବେନ୍ଦ୍ର ସାହୁ, ସତ୍ୟବାଦୀରୁ ମନୋଜ ରଥ, ଭୁବନେଶ୍ୱର-ମଧ୍ୟ ପାଇଁ ପ୍ରକାଶ ଜେନା ଏବଂ ଭୁବନେଶ୍ୱର-ଉତ୍ତର ପାଇଁ ଅଶୋକ ଦାସଙ୍କୁ ଦଳ ପ୍ରାର୍ଥୀ କରିଛି । ପୂର୍ବରୁ କଂଗ୍ରେସ ୧୨୨ଟି ଆସନରେ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା ।  ସେହିପରି ମୋଟ୍ ୧୭ ଲୋକସଭା ଆସନ ପାଇଁ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ସାରିଛି ।

## ମତଦାନ ସଚେତନତା କାର୍ଯ୍ୟକ୍ରମ

ଆସନ୍ତା ସାଧାରଣ ନିର୍ବାଚନକୁ ଅଧିକ ଶୃଙ୍ଖଳିତ ଏବଂ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଦେବଗଡ଼ ଜିଲ୍ଲାର ୩୩୮ଟି ବୁଥ୍‌ରେ ଶତ ପ୍ରତିଶତ ମତଦାନ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମତଦାନ ହାର ବଢ଼ାଇବା ପାଇଁ ଆଗୁଆ ଫର୍ମ ନମ୍ବର ୬ ଓ ୮ରେ ନାମ ପଞ୍ଜୀକୃତ କରିବା ପାଇଁ ଓ ପ୍ରତି ଓ୍ୱାର୍ଡ଼୍‌ରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଜନ ସଚେତନତା ସୃଷ୍ଟି କରିବା ପାଇଁ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

# ଗ୍ରୀଷ୍ମକାଳୀନ ଟ୍ରେନ୍ ଚଳାଚଳ

ପୂର୍ବତଟ ରେଳପଥ ପକ୍ଷରୁ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ୨୦ଯୋଡ଼ା ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଟ୍ରେନ୍ ଚଳାଚଳ କରିବ । ଗ୍ରୀଷ୍ମଋତୁରେ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ

ଗନ୍ତବ୍ୟସ୍ଥଳକୁ ଯିବାପାଇଁ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ଏହାବ୍ୟତୀତ ପୂର୍ବତଟ ରେଳପଥ ପରିସୀମା ମଧ୍ୟ ଦେଇ ୧୩ଯୋଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ଚଳାଚଳ କରୁଛି ।

## ବିଶ୍ୱ ଐତିହ୍ୟ ଦିବସ

ଆଜି ବିଶ୍ୱ ଐତିହ୍ୟ ଦିବସ । ଆନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦର ପ୍ରସ୍ତାବ ଅନୁସାରେ ଆଜିର ଦିନକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରିବା ଲାଗି ୟୁନେସ୍କୋ ସାଧାରଣ ପରିଷଦ ୧୯୮୨ ମସିହାଠାରୁ ଏହି ନିଷ୍ପତ୍ତି ନେଇଥିଲା । ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବିବିଧତା ଆବିଷ୍କାର ଆଉ ଅନୁଭବ କର' । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ ଐତହ୍ୟଗୁଡ଼ିକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ କରି ରଖିବା ପାଇଁ ଆହ୍ୱାନ କରିଛନ୍ତି ।

ଏହି ଅବସରରେ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଆଜି ଏଥିପାଇଁ ପ୍ରବେଶ ଶୁଳ୍କ ଛାଡ କରାଯାଇଛି । ପର୍ଯ୍ୟଟକମାନେ ସକାଳ ୬ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ସୂର୍ଯ୍ୟମନ୍ଦିର ପରିସର ବୁଲି ଦେଖିପାରିବେ ।

## ପାଣିପାଗ-ଜଙ୍ଗଲ ନିଆଁ

ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟର ଜଙ୍ଗଲଗୁଡ଼ିକରେ ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବା ସହ କେତେକ ଜଙ୍ଗଲରେ ନିଆଁ ଲାଗିବା ପରିଲକ୍ଷିତ ହେଉଛି। ଗତକାଲି ଦେଶର ୧୬୫ଟି ଜଙ୍ଗଲରେ ନିଆଁ ଲାଗିଥିବାବେଳେ ଓଡ଼ିଶାର ସର୍ବାଧିକ ୩୪ଟି ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଛି। ସପ୍ତାହକ ମଧ୍ୟରେ ନିଆଁ ଲାଗିବାରେ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ରହିଛି ବୋଲି କେନ୍ଦ୍ର ଜଙ୍ଗଲ ସର୍ବେକ୍ଷଣ ୱେବ୍‌ସାଇଟ୍ ତଥ୍ୟରୁ ସୂଚନା ମିଳିଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼ ଏବଂ ଖୋର୍ଦ୍ଧାଜିଲ୍ଲାର ଜଙ୍ଗଲଗୁଡ଼ିକରେ ନିଆଁ ଲାଗିଥିବା ଜଣାପଡିଛି। ନିଆଁ ଲିଭାଇବା କାର୍ଯ୍ୟରେ ବନବିଭାଗ କର୍ମଚାରୀମାନେ ନିୟୋଜିତ ରହିଛନ୍ତି। ରାଜ୍ୟରେ ୨୦୨୧ଠାରୁ ଜଙ୍ଗଲ ନିଆଁ ବୃଦ୍ଧି ପାଇବାରେ ଲାଗିଛି।

## ସାହି ଯାତ

ପୁରୀରେ ଶ୍ରୀରାମନବମୀଠାରୁ ସାହିଯାତ ଆରମ୍ଭ ହୋଇଛି। ଏଥିଲାଗି ଶ୍ରୀକ୍ଷେତ୍ର ପୁରୀ ଉତ୍ସବମୁଖର ହୋଇଉଠିଛି। ସାହିଯାତ ଶ୍ରୀମନ୍ଦିର ନୀତି ସହ ଅଙ୍ଗାଙ୍ଗୀଭାବରେ ଜଡିତ। ସାହିଯାତରେ ପାରମ୍ପରିକ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରା ଦେଖିବାକୁ ମିଳୁଛି। ପୁରୀର ଆଠସାହି ଆଖଡା ପକ୍ଷରୁ ଏହି ଯାତ ଅନୁଷ୍ଠିତ ହେଉଛି। ଏହି ଯାତ ରାମାଭିଷେକରେ ସମାପନ ହେବ।

## କିଡ୍‌ନୀ ପ୍ରତିରୋପଣ

ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ତିଗିରିଆ ଅଞ୍ଚଳର

ଜଣେ ରୋଗୀଙ୍କ ଶରୀରରେ ଗୋଟିଏ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ଏହାକୁ ମିଶାଇ କଟକ ବଡ଼ ମେଡ଼ିକାଲରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ ସଂଖ୍ୟା ୧୫ରେ ପହଞ୍ଚିଛି। ଏସ୍‌ସିବି ମୂତ୍ରଶଲ୍ୟ ବିଭାଗୀୟ ମୁଖ୍ୟ ଡା. ସମୀର ସ୍ୱାଇଁଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ କରାଯାଇଥିଲା। ଜଣେ ମହିଳାଙ୍କ ମସ୍ତିଷ୍କ ମୃତ୍ୟୁ ପରେ ତାଙ୍କ ଶରୀରରୁ ଦୁଇଟି ବୃକ୍‌କ ଓ ଯକୃତକୁ ପ୍ରତିରୋପଣ ପାଇଁ କଢା ଯାଇ ଗୋଟିଏ ବୃକକ୍‌କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଜଣେ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିବାବେଳେ ଅନ୍ୟଟିକୁ ଏସ୍‌ସିବି ମେଡ଼ିକାଲରେ ଜଣେ ରୋଗୀଙ୍କଠାରେ ପ୍ରତିରୋପଣ କରାଯାଇଛି। ତେବେ ସମ୍ପୃକ୍ତ ରୋଗୀଙ୍କର ଯକୃତକୁ ହାଇଦ୍ରାବାଦ ପଠାଯାଇଥିବା ସୂଚନା ମିଳିଛି।

## ତାପମାତ୍ରା

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ରାଜ୍ୟର ୪ ସହରରେ ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱର ଓ ବାଲେଶ୍ୱରରେ ସର୍ବାଧିକ ୪୦.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଚାନ୍ଦବାଲି ଓ ଝାରସୁଗୁଡ଼ାରେ ପାରଦ ୪୦ ଡିଗ୍ରୀ ଛୁଇଁଛି। ସେହିପରି ସମ୍ବଲପୁରରେ ୩୯.୭ ଡିଗ୍ରୀ, କେନ୍ଦୁଝରରେ ୩୯ ଡିଗ୍ରୀ, ହୀରାକୁଦରେ ୩୮.୬ ଡିଗ୍ରୀ, ରାଉରକେଲାରେ ୩୭.୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆଜି ଓ ଆସନ୍ତାକାଲି ରାଜ୍ୟର କେତେକ ଅଞ୍ଚଳରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ମୟୂରଭଞ୍ଜ, ନୟାଗଡ, ଗଜପତି ଓ ନୂଆପଡା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି

କରାଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ଯାଜପୁର, ଖୋର୍ଦ୍ଧା, ଢ଼େଙ୍କାନାଳ, ଅନୁଗୁଳ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, ଝାରସୁଗୁଡା, ବରଗଡ, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପାଣିପାଗ କେନ୍ଦ୍ରର ଆକଳନକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଆଜିଠୁ ୩ ଦିନ ପାଇଁ ବନ୍ଦ ରଖିଛନ୍ତି।

*********************************